**ସଂକ୍ଷେପରେ**

## ବିଦ୍ୟୁତ୍ କର୍ମଚାରୀଙ୍କୁ ଭୁଜାଲି ଚୋଟ

**ଢେଙ୍କାନାଳ ଅଫିସ,୨୭।୧୦**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆ ଗ୍ରାମର ଟାଟା ପାୱାରରେ କାର୍ଯ୍ୟରତ କର୍ମଚାରୀ ପ୍ରତାପ କୁମାର ସ୍ୱାଇଁ (୪୬)ଙ୍କଠାରୁ ଗୁରୁବାର ସକାଳେ ଲୁଟ୍



ହୋଇଛି। ଦୁର୍ବୃତ୍ତମାନେ ସୂତାକଳ ନିକଟରେ ଭୁଜାଲିରେ ଆକ୍ରମଣ କରି ତାଙ୍କଠାରୁ ନଗଦ ୧୦ହଜାର ଟଙ୍କା, ୩ଟି ଏଟିଏମ୍ କାର୍ଡ, ପର୍ସ ଓ ସୁନାଚେନ୍ ନେଇଯାଇଛନ୍ତି। ଏ ନେଇ ପ୍ରତାପଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୪୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରୁ ଜଣାପଡିଛି, ପ୍ରତାପ ଟାଟା ପାୱାର ବିଦ୍ୟୁତ୍ ବିଭାଗରେ ବିଲ୍ କଲେକ୍ଟର ଭାବେ ଗୋବିନ୍ଦପୁର କ୍ୟାମ୍ପରେ କାମ କରନ୍ତି। ସକାଳେ ବିଲ୍ ବାବଦ ଟଙ୍କା ଆଦାୟ କରି ଘରକୁ ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସୂତାକଳ ନିକଟ ରାସ୍ତାର ବ୍ରିଜ୍ ପୂର୍ବରୁ ଅଟକାଇ ମାଡ଼ ମାରିଥିଲେ। ଜଣେ ଯୁବକ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ପ୍ରତାପଙ୍କ ୨ ହାତ ଓ ଡାହାଣ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୂଚନା ପାଇ ଅନ୍ୟ ସହକର୍ମୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖାଯିବା ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହାନ୍ତି।

## ସାମାଜିକ କର୍ମୀଙ୍କ ବିୟୋଗ

**ଢେଙ୍କାନାଳ ଅଫିସ,୨୭।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ସାମାଜିକ କର୍ମୀ ଦେବେନ୍ଦ୍ର କୁମାର ପାଣିଗ୍ରାହୀ (୫୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି।



ସେ କିଛିଦିନ ହେଲା ଅସୁସ୍ଥ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମରଶରୀରକୁ ଗ୍ରାମକୁ ଅଣାଯିବା ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହି ଲୋକଙ୍କ ସେବା କରୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ଦର୍ଶନ କରିବାକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଭିଡ଼ ଜମିଥିଲା।




ଢେଙ୍କାନାଳରେ ଟୁର୍ଣ୍ଣାମେଣ୍ଟର ଲୋଗୋ ଓ ଜର୍ସି ଉନ୍ମୋଚନ କରାଯାଇଛି।



ଅନୁଗୋଳ କଦମ ପଡ଼ିଆରେ ଟେକ୍ନିକାଲ ଟିମ୍‌ର ପରିଦର୍ଶନ।

# ୩ରୁ ବାଜି ରାଉତ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

- ଅଂଶଗ୍ରହଣ କରିବେ ୮ ରାଜ୍ୟ
- ଢେଙ୍କାନାଳରେ ଉଦ୍‌ଘାଟନୀ ସମାରୋହ
- ଅନୁଗୋଳରେ ୨ ସେମିଫାଇନାଲ
- ତାଳଚେରରେ ଫାଇନାଲ ମ୍ୟାଚ୍
- ଲୋଗୋ, ଜର୍ସି ଉନ୍ମୋଚିତ

**ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୭।୧୦**

ଶିଳ୍ପ ଜିଲା ଅନୁଗୋଳ, ଢେଙ୍କାନାଳକୁ ଫେରିବ ଫୁଟବଲ ଫିଭର। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍), 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ଏବଂ ଜିଲା କ୍ରୀଡା ସଂସଦର ମିଳିତ ସହଯୋଗରେ ନଭେମ୍ବର ୩ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଥିବା 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟ' କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହି ସୁଯୋଗ ଆଣିଦେଇଛି। ପ୍ରତିଯୋଗିତାରେ ୮ ରାଜ୍ୟ ଅଂଶଗ୍ରହଣ କରିବେ। ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଅନୁଗୋଳରେ ୨ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ତାଳଚେରରେ ଫାଇନାଲ ମ୍ୟାଚ୍ ଆୟୋଜନ କରାଯିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି 'ଆମେ ଓଡ଼ିଆ ସଙ୍ଗଠନ' ସମ୍ପାଦକ ସଂଗ୍ରାମ ପାତ୍ର। ଏହି ଅବସରରେ ପ୍ରତିଯୋଗିତାର ଲୋଗୋ ଓ ଜର୍ସି ଉନ୍ମୋଚନ କରାଯାଇଛି।

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ମ୍ୟାଚ୍ ୩ ତାରିଖ ପୂର୍ବାହ୍ନ ୧୧ଟାରେ ଖେଳାଯିବ। ଏଥିରେ ଓଡ଼ିଶା ଏଫ୍‌ସି ଓ କେଂକ୍ରେ ଏଫ୍‌ସି ମୁମ୍ବାଇ ମୁହାଁମୁହିଁ ହେବେ। ସେହିଦିନ ଅପରାହ୍ନ ୨ଟାରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ଗୋକୁଲମ୍ ଏଫ୍‌ସି କେରଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଉଭୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ବିଜେତା ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ସେହିପରି ୪ ତାରିଖ ପୂର୍ବାହ୍ନ ୧୧ରେ ଅନୁଗୋଳ କଦମ୍ ପଡ଼ିଆରେ ଶ୍ରୀନିଧି ଡେକାନ ଏଫ୍‌ସି ମଣିପୁର ଏବଂ ଦିଲ୍ଲୀ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ। ଅପରାହ୍ନ ୨ଟାରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ପଶ୍ଚିମବଙ୍ଗ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ଉକ୍ତ ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲକୁ ଯିବେ। ନଭେମ୍ବର ୬ରେ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୨ଟାରେ ଅନୁଗୋଳ କଦମ ପଡ଼ିଆରେ ଉଭୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୭ ତାରିଖ ଅପରାହ୍ନ ୨ଟାରେ ତାଳଚେର ସାଉଥ୍ ବଲଣ୍ଡା ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ବୋଡୋଲାଣ୍ଡ ଏଫ୍‌ସି ଆସାମ ଏବଂ ଅନ୍ୟ ଏକ ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ୮ ତାରିଖ ସାଢ଼େ ୧ଟାରେ ତାଳଚେର ସାଉଥ୍ ବଲଣ୍ଡା ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ୍‌ରେ ଫାଇନାଲ ମ୍ୟାଚ୍ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜାତୀୟସ୍ତରୀୟ ତାରକା ଖେଳାଳି, କଳାକାର, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏଥିରେ ସାମିଲ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିବେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଢେଙ୍କାନାଳ ଷ୍ଟାଡିୟମ୍‌ରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଗୁରୁବାର ଏକ ଟେକ୍ନିକାଲ ଟିମ୍ ଅନୁଗୋଳ କଦମ ପଡ଼ିଆ ଏବଂ ସାଉଥ୍ ବଲଣ୍ଡାର ବ୍ଲାକ୍ ଡାଇମଣ୍ଡ୍ ଷ୍ଟାଡିୟମ ପଡ଼ିଆ ଅନୁଧ୍ୟାନ କରିଛନ୍ତି। ଏଥିସହ ଶୃଙ୍ଖଳିତ ଆୟୋଜନ ନେଇ ପୂର୍ବତନ ଖେଳାଳି ଓ ପ୍ରଶାସନ ସହ ଆଲୋଚନା କରିଛନ୍ତି। ଏହି ଅନୁଧ୍ୟାନ ସମୟରେ ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ୍ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠଙ୍କ ସମେତ ପୂର୍ବତନ ଫୁଟବଲ ଖେଳାଳି, ଆଥଲେଟିକ୍ସ ଆସୋସିଏଶନ ସଦସ୍ୟ, ଫୁଟବଲ ଆସୋସିଏଶନ ସଦସ୍ୟ ଓ କ୍ରିକେଟ ଆସୋସିଏଶନ ସଦସ୍ୟମାନେ ଉପସ୍ଥିତ ଥିଲେ।

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କୁ ସମ୍ମାନ ଜଣାଇ 'ଆମେ ଓଡ଼ିଆ ସଙ୍ଗଠନ' ପକ୍ଷରୁ ଏଭଳି ପ୍ରୟାସ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୁବଶକ୍ତି ମଧ୍ୟରେ ଖେଳୁଆଡ଼ ମନୋବୃତ୍ତିକୁ ବ୍ୟାପକ କରିବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଢେଙ୍କାନାଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଅଧିନାୟକ ପ୍ରଭାତ ମହାପାତ୍ର, ବିଶିଷ୍ଟ ଫୁଟବଲ ଖେଳାଳି ମାନସ ସାମଲ, କାର୍ଯ୍ୟକ୍ରମର ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ, ଢେଙ୍କାନାଳ ଜିଲା ଆଥ୍‌ଲେଟିକ ସଂଘ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିକୁ ଫେରିଲେ ଜ୍ଞାନଚାନ୍ଦ



ବିଧାୟକ ସୁଧୀର କୁମାର ସାମଲଙ୍କ ସହ ବିଜେଡିରେ ସାମିଲ ହୋଇଥିବା ଜ୍ଞାନଚାନ୍ଦ ମିଶ୍ର ଓ ଅନ୍ୟ ନେତୃବୃନ୍ଦ।

- ପୌର ନିର୍ବାଚନରେ ଟିକେଟ ନ ମିଳିବାରୁ ଦଳ ଛାଡ଼ିଥିଲେ
- ଭାଜପା ଟିକେଟରେ ଲଢ଼ି ପରାଜିତ ହୋଇଥିଲେ

**ଢେଙ୍କାନାଳ ଅଫିସ, ୨୭।୧୦**

ଢେଙ୍କାନାଳ ପୌର ନିର୍ବାଚନରେ ୩ନଂ. ୱାର୍ଡରୁ ଭାଜପା ଟିକେଟରେ ଲଢ଼ିଥିବା ପୂର୍ବତନ କାଉନ୍‌ସିଲର ଜ୍ଞାନଚାନ୍ଦ ମିଶ୍ର ଗୁରୁବାର ବିଜେଡିକୁ ଫେରିଛନ୍ତି। ଏଥିପୂର୍ବରୁ ହୋଇଥିବା ନିର୍ବାଚନରେ ସେ ଉକ୍ତ ୱାର୍ଡରୁ ବିଜେଡି କାଉନ୍‌ସିଲର ଭାବେ ବିଜୟୀ ହୋଇଥିଲେ। ତେବେ ୨୦୨୨ ନିର୍ବାଚନରେ ଟିକେଟ ନ ମିଳିବାରୁ ସେ ଦଳ ଛାଡ଼ି ଭାଜପା ଟିକେଟରେ ଲଢ଼ି ପରାଜିତ ହୋଇଥିଲେ।

ଗୁରୁବାର ଅପରାହ୍ନରେ ବହୁ ସମର୍ଥକଙ୍କ ସହ ସେ ବିଜେଡିରେ ସାମିଲ ହୋଇଛନ୍ତି। ଏଥିସହ ବିଧାୟକ ସୁଧୀର କୁମାର ସାମଲଙ୍କୁ ନିଜର ସମର୍ଥନ ଘୋଷଣା କରିଛନ୍ତି। ମୋଦି ସରକାରଙ୍କ ଏକଛତ୍ରବାଦ, ଢେଙ୍କାନାଳ ଭାଜପାରେ ପାରିବାରିକ ରାଜନୀତିରେ ଅତିଷ୍ଠ ହୋଇ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଗଁଦିଆ ବ୍ଲକ ସନ୍ତପୁର ଗ୍ରାମରେ ଅନୁଷ୍ଠିତ ବିଜେଡିର ଜନସମ୍ପର୍କ ପଦଯାତ୍ରା ସମୟରେ ସେ ବିଧିବଦ୍ଧ ଭାବେ ଦଳରେ ଯୋଗଦେଇଥିବା ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଏହି ଅବସରରେ ଜ୍ଞାନଚାନ୍ଦଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଯୋରନ୍ଦା ସରପଞ୍ଚ ଆରତି ନାୟକ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନାରା, ରଞ୍ଜନ ନନ୍ଦ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, ଉପସଭାପତି ଉର୍ବଶୀ ମହାପାତ୍ର, ଯୁବନେତା ଶ୍ରୀକାନ୍ତ ଧଳ, ନିରାକାର ରାଉତ, ଶୁଭଲକ୍ଷ୍ମୀ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ ରାଉତ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ସନ୍ତୋଷ ବିଶ୍ୱାଳ, ସୁଧାକର ଲେଙ୍କା, ଶେଷଦେବ ରାଉତ ଓ ଗଙ୍ଗାଧର ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବାସୁଦେବଙ୍କ ସ୍ମୃତି ସଭା

**ଭୁବନ, ୨୭।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ସହର ସଙ୍ଗଠନ ସଭାପତି ବାସୁଦେବ ବେହେରାଙ୍କ ପରଲୋକରେ ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଭୁବନ ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଦିଲୀପ ଦାସଙ୍କ ଆବାହକତ୍ୱରେ ନଗରପାଳ ଶୁଭେନ୍ଦୁ ସାହୁ, ବରିଷ୍ଠ ଆଇନଜୀବୀ କୁଞ୍ଜବିହାରୀ ଚିନ୍ନାରା, ଦୁଷ୍ମନ୍ତ ପୃଷ୍ଟି, ବିନୋଦ ମହାରଣା, ଅଜୟ ସେଠୀ, ଶ୍ରୀଧର ବେହେରା, ଶ୍ରୀକାନ୍ତ ସାହୁ, ନିରଞ୍ଜନ ଗୁରୁ, ଖଗେଶ୍ୱର ନାୟକଙ୍କ ସମେତ ଦଶହରା ଶାନ୍ତି କମିଟି ସଦସ୍ୟ, ଦଶହରା ବଳଦ କମିଟି ସଦସ୍ୟ, ଦୁର୍ଗା କମିଟି ସଦସ୍ୟ, ବୁଦ୍ଧିଜୀବୀମାନେ ଯୋଗଦେଇ ବାସୁଦେବଙ୍କ କର୍ମକୁଶଳତା, ଦଶହରା ବଳଦଯାତ୍ରା, ଲକ୍ଷ୍ମୀପୂଜା ଏବଂ ସହରର ଉନ୍ନତିରେ ତାଙ୍କର ଅବଦାନର ସ୍ମୃତିଚାରଣ କରିଥିଲେ। ତାଙ୍କ ଏକାଦଶାହରେ ଭୁବନରେ କ୍ୟାଣ୍ଡେଲ ଶୋଭାଯାତ୍ରା, ତାଙ୍କ ନାମରେ କଲ୍ୟାଣ ମଣ୍ଡପ ଓ ରଗଡ଼ି ଛକର ନାମକରଣ, ପାଠାଗାର ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଥିଲା।



ବୈଠକରେ ନଗରପାଳଙ୍କ ସମେତ ସହରର ବୁଦ୍ଧିଜୀବୀ।

## ପ୍ରତିଭା ଦେଖାଇଲେ ୩୨୦ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୨୭।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକସ୍ତରୀୟ ସୁରଭି ମହୋତ୍ସବ-୨୦୨୨ କନ୍ଧରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମିନତୀ ଦେହୁରୀଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିତର୍କ, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ହସ୍ତାକ୍ଷର, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାରେ ୧୭ କ୍ଲଷ୍ଟରରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ୩୨୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ପ୍ରତିଭା ଦେଖାଇଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। କଙ୍କଡାହାଡ଼ ସରପଞ୍ଚ ଅନସୂୟା ସାହୁ ଉପସ୍ଥିତ ଥିଲେ। ବିଭାଗର ଅଧିକାରୀ, ସିଆର୍‌ସିସିଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ।

# ୨.୫୬ ଲକ୍ଷ ଟଙ୍କା ଜବତ, ୩ ଗିରଫ

**ବରପଦା ଏଟିଏମ୍‌ରୁ ଲୁଟ୍ ମାମଲା**

**ଢେଙ୍କାନାଳ ଅଫିସ୍, ୨୭।୧୦**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ସଦର ଥାନା କଙ୍କଡ଼ାହାଡ଼ ଗ୍ରାମର ଜିତେନ୍ଦ୍ର ନାୟକ ଓରଫ ଜିତୁ (୨୪), ଭଦ୍ରକ ଜିଲା ବାସୁଦେବପୁର ଥାନା ଅଲବଗା ଗ୍ରାମର ନୀର ପାଣି ଓରଫ ନିରଞ୍ଜନ (୩୦), ଖୋର୍ଦ୍ଧା ଜିଲା ଜଟଣୀ ଥାନା ବଡ଼ତୋଟା ଗ୍ରାମର ରାକେଶ ଦାସ ଓରଫ ରାମ (୨୫)। ସେମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୫୬ ହଜାର ଟଙ୍କା, ଏକ କାର୍, ନମ୍ବର ବିହୀନ ବାଇକ୍, ସିସିଟିଭି କ୍ୟାମେରାର ଡିଭିଆର, ଲୁହା ଛେଣି, ୨ଟି ପେନ୍‌ଡ୍ରାଇଭ ଏବଂ ନୀଳ ରଙ୍ଗର ଏକ ବ୍ୟାଗ୍ ଜବତ କରାଯାଇଛି। ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ାଉ ଜାରି ରହିଥିବା ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ସୂଚନା ଦେଇଛନ୍ତି।

ଲୁଟ୍ ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଉକ୍ତ ଏଟିଏମ୍‌ରୁ ତାଡ଼ି ୨୨ ଲକ୍ଷ ୧୭ ହଜାର ୯୦୦ଟଙ୍କା ଲୁଟି ନେଇଥିଲେ। ଗଁଦିଆ ପୋଲିସ ସେମାନଙ୍କୁ ପିଛା କରିବାରୁ ଅଭିଯୁକ୍ତମାନେ ଆସିଥିବା ଗ୍ରେ ରଙ୍ଗର କାର୍ (ନଂ. ଓଡ଼ି ୦୧ ଏଏଲ୍ ୯୮୩୩)କୁ କାଜୁ ଜଙ୍ଗଲରେ ଛାଡ଼ି ପଳାଇଥିଲେ। ପୋଲିସ କାର୍ ଜବତ କରି ଏହାର ନମ୍ବର ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଲୁଟ୍‌ରେ ପ୍ରତ୍ୟକ୍ଷ ଭାବେ ୪ ଅଭିଯୁକ୍ତ ସମ୍ପୃକ୍ତ ଥିଲେ। ଜଣେ ଏଟିଏମ୍ ତାଡ଼ିଥିବା ବେଳେ ଅନ୍ୟ ଜଣେ ଟଙ୍କା ବାହାର କରିଥିଲେ। ଅନ୍ୟ ଦୁଇଜଣ ତାଙ୍କୁ ସହଯୋଗ କରିଥିଲେ। ଟଙ୍କା ଲୁଟିବା ପରେ ଅନ୍ୟ ୪ଜଣ ତାଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆଙ୍କ ସମେତ ପୋଲିସ କର୍ମଚାରୀମାନେ ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛନ୍ତି। ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି ବୋଲି ଏସ୍‌ପି କହିଛନ୍ତି। ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣାରେ ନଂ. ୨୫୦/୨୨, ଦଫା ୪୫୭ ଓ ୩୮୦ରେ ମାମଲା ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ, ଗଁଦିଆ ଥାନାଧିକାରୀ ଉପସ୍ଥିତ ଥିଲେ।



ଏଟିଏମ୍‌ରୁ ଟଙ୍କା ଲୁଟ୍ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।



ଜବତ ହୋଇଥିବା କାର୍।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପିପଲବାହାଲ ଗ୍ରାମର ଏକ ଭଡାଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉତ୍ତରପ୍ରଦେଶ ରାଜ୍ୟ ସମସାନପୁର ଗ୍ରାମର ନୁରୁ ଖାନଙ୍କ ପୁଅ ରିହାନ ଖାନ। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି, ଉତ୍ତରପ୍ରଦେଶର ମୁନା ଖାନ ଖମାର ଗ୍ରାମ ମୁଣ୍ଡରେ ମାଂସ ଦୋକାନ ଦେଇଛନ୍ତି। ସେ ପରିବାର ସହିତ ପିପଲବାହାଲ ଗ୍ରାମର ଏକ ଆଜବେଷ୍ଟ ଘରେ ଭଡା ନେଇ ରହୁଥିଲେ। ସପ୍ତାହ ହେବ ସେ ପରିବାର ନେଇ ଉତ୍ତରପ୍ରଦେଶସ୍ଥିତ ନିଜ ଘରକୁ ଯାଇଥିବା ବେଳେ ଭାଇ ରିହାନ ଖାନ ଭଡା ଘରେ ରହୁଥିଲେ। ଗୁରୁବାର ଉକ୍ତ ଘରୁ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀ ମୁନା ଖାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ସମ୍ପର୍କୀୟମାନେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ରିହାନଙ୍କୁ ହତ୍ୟା କରାଯାଇଥିବା ବାଗଡିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁରକାରଣ ଜଣାପଡିବ ବୋଲି ପୋଲିସ କହିଛି।

### କବାଟ କାଟି ନେଇଗଲେ ଗାଡ଼ି

**ଅନୁଗୋଳ ଅଫିସ, ୨୭।୧୦:** ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରୁ ଏକ ମୋଟର ସାଇକେଲ ଚୋରି ହୋଇଛି। ଏ ନେଇ ଥାନାରେ ସୂର୍ଯ୍ୟକାନ୍ତ କର୍ମୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୨୦/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟକାନ୍ତଙ୍କ ଘର କଟକ ଜିଲା ନରସିଂହପୁର ଅଞ୍ଚଳରେ। ସେ ନିଶା ଥାନା ଅଧୀନ ରାମଡ଼ିହ ଗ୍ରାମରେ ଭଡ଼ାରେ ରୁହନ୍ତି। ବାପାଙ୍କ ଦେହ ଅସୁସ୍ଥ ଥିବାରୁ ସୂର୍ଯ୍ୟକାନ୍ତ ଗାଁକୁ ଯାଇଥିଲେ। ଅନୁଗୋଳ ଫେରିବା ପରେ ତାଙ୍କ ଘର କବାଟ କାଟି ଦୁର୍ବୃତ୍ତମାନେ ମୋଟର ସାଇକେଲ (ନଂ. ଓଡି୧୯ବି-୭୬୧୩)ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଅନୁଗୋଳ ଅଫିସ, ୨୭।୧୦:** ଅନୁଗୋଳ ସହର ଉପକଣ୍ଠ ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୫୬୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅନୁଗୋଳ ସହର ଉପକଣ୍ଠରେ ଭଡାରେ ରହୁଥିବା ଏକ ପରିବାରର ଜଣେ ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। ଝିଅ ଘରେ ଏକା ଥିବାବେଳେ କେହି ଜଣେ ତାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଦୁର୍ଘଟଣାରେ ଜଣେ ଗୁରୁତର

**ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା-ଅନୁଗୋଳ ୬୩ନଂ. ରାଜ୍ୟ ରାଜପଥର ସିଆରିମାଲିଆ ପୋଲ ନିକଟରେ ଏକ ବାଇକ୍ ଅନ୍ୟ ଏକ ବାଇକ୍‌କୁ ପଛରୁ ଧକ୍କା ଦେବାରୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସନ୍ତରାବନ୍ଧ ଗ୍ରାମର ଶୁକଦେବ ଗଡତିଆ। ଘଟଣାରୁ ପ୍ରକାଶ, ଶୁକଦେବ ଛେଣ୍ଡିପଦାରୁ କାମ ସାରି ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବାବେଳେ ସିଆରିମାଲିଆ ପୋଲ ନିକଟସ୍ଥ ହମ୍ପସରେ ଆଗରେ ଯାଉଥିବା ଏକ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଭାରସାମ୍ୟ ହରାଇ ରାସ୍ତାରେ ଖସିପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### କୋଇଲା ଚୋରି, ୨ ଗିରଫ

**କଣିହାଁ,୨୭।୧୦(ଡି.ଏନ.ଏ.):** କଣିହାଁ ଥାନା ପୋଲିସ କୋଇଲା ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାକୁଡିଆ ଗ୍ରାମର ବିଭୂତି ନାଏକ, ଜରଡା ଗ୍ରାମର ମୁକୁନ୍ଦ ବେହେରା। ଏଥିସହିତ ପୋଲିସ ୮ଟି ବାଇକ୍ ଜବତ କରିଛି। କଣିହାଁ ଥାନା ଅଧିକାରୀ କିଶୋର ଚନ୍ଦ୍ର ସାମଲ କହିଛନ୍ତି, ବୁଧବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ବେଳେ କଣିହାଁ କୋଇଲା ଖଣି ଫାଟକ ସମ୍ମୁଖରୁ ବାଇକ୍ ଯୋଗେ ଚୋରା କୋଇଲା ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ସେଠାରୁ ୮ଟି ବାଇକ୍ ଜବତ ସହ ବିଭୂତି ଏବଂ ମୁକୁନ୍ଦଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୨୧୫/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଅଣଦେଖାରୁ ବଢୁଛି ଅସନ୍ତୋଷ

**ବଇଣ୍ଡା, ୨୭।୧୦ (ପରିକ୍ଷିତ ସାହୁ)**




■ବଇଣ୍ଡା ଷ୍ଟେଶନରେ ଅଟକୁନି ୧୪ ଏକ୍ସପ୍ରେସ୍ ଟ୍ରେନ
■ଅନୁଗୋଳ ଜିଲାର ୩ ବ୍ଲକର ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ
■ବାରମ୍ବାର ଅଭିଯୋଗ ସତ୍ତ୍ୱେ ଦିଆଯାଉନି ଗୁରୁତ୍ୱ

ଅନୁଗୋଳ ଜିଲାର ଏକ ପ୍ରମୁଖ ରେଳ ଷ୍ଟେଶନ ହେଉଛି ବଇଣ୍ଡା। ହେଲେ ଆଠମଲ୍ଲିକ ଉପଖଣ୍ଡରେ ଥିବା ଏହି ଷ୍ଟେଶନ ପ୍ରତି ଗୁରୁତର ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ଏହି ଷ୍ଟେଶନ ଦେଇ ୧୮ଟି ଏକ୍ସପ୍ରେସ୍ ଟ୍ରେନ ଯାତାୟାତ କରୁଥିଲେ ମଧ୍ୟ ସେଥିରୁ ୧୪ଟି ରହଣି କରୁନାହିଁ। ଫଳରେ ରାଜ୍ୟ ବାହାରକୁ ଯାଉଥିବା ଜିଲାର ୩ ବ୍ଲକର ଯାତ୍ରୀମାନେ ଏଠାରୁ ଏକ୍ସପ୍ରେସ୍ ଟ୍ରେନ୍ ଧରିପାରୁନାହାନ୍ତି। ଏ ନେଇ ବାରମ୍ବାର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ବଇଣ୍ଡା ଷ୍ଟେଶନ ପ୍ରତି ଅଣଦେଖା ଲାଗି ରହିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ବଇଣ୍ଡା ଷ୍ଟେଶନ ଦେଇ ଭୁବନେଶ୍ୱର - ବଲାଙ୍ଗୀର, ରାଉରକେଲା - ଭୁବନେଶ୍ୱର, ବିଶାଖାପାଟଣା - ଅମୃତସର, ପୁରୀ - ହାଟିଆ, ଦୁର୍ଗ - ପୁରୀ, ଭୁବନେଶ୍ୱର- -ଲୋକମାନ୍ୟତିଲକ, ପୁରୀ - ଲୋକମାନ୍ୟତିଲକ, ଭୁବନେଶ୍ୱର - ଆନନ୍ଦବିହାର, ଭୁବନେଶ୍ୱର - ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ବିକାନିର - ପୁରୀ, ପୁରୀ -ଯୋଧପୁର, ସମ୍ବଲପୁର - ପୁରୀ ଇଣ୍ଟରସିଟି, ପୁରୀ - ସୁରଟ ଏକ୍ସପ୍ରେସ୍, ପୁରୀ -ଅହମ୍ମଦାବାଦ ଏକ୍ସପ୍ରେସ୍, ପୁରୀ - ଗାନ୍ଧୀଧାମ, ପୁରୀ - ଶିରିଡ଼ିସାଇ ଏକ୍ସପ୍ରେସ୍, ରାଉରକେଲା- ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍, ଭୁବନେଶ୍ୱର - ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ଯାତାୟାତ କରୁଛି। ହେଲେ ଏଥିମଧ୍ୟରୁ କେବଳ ସମ୍ବଲପୁର - ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍, ଭୁବନେଶ୍ୱର - ବଲାଙ୍ଗୀର, ଭୁବନେଶ୍ୱର- ରାଉରକେଲା ଇଣ୍ଟରସିଟି, ପୁରୀ - ହାଟିଆ ଏକ୍ସପ୍ରେସ୍‌କୁ ଛାଡି ଦେଲେ ଅନ୍ୟ ଟ୍ରେନ୍‌ଗୁଡିକ ରହଣି କରୁନାହିଁ। କରୋନା ପୂର୍ବରୁ ଏହି ଷ୍ଟେଶନ ଦେଇ ଯାଉଥିବା ପୁରୀ - ଅହମଦାବାଦ, ପୁରୀ - ବିକାନିର, ରାଉରକେଲା - ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍, ପୁରୀ - ଦୁର୍ଗ , ବିଶାଖାପାଟଣା - ଅମୃତସର ଏକ୍ସପ୍ରେସ୍ ଟ୍ରେନ ହଲ୍ଟ କରୁଥିଲା। କରୋନା ପରଠାରୁ ଏହି ଟ୍ରେନଗୁଡିକ ବଇଣ୍ଡା ଷ୍ଟେଶନଠାରେ ଆଉ ରହୁନାହିଁ। ଫଳରେ ଏହି ଟ୍ରେନ ଉପରେ ନିର୍ଭର କରୁଥିବା କିଶୋରନଗର, ଆଠମଲିକ, ଛେଣ୍ଡିପଦା ବ୍ଲକର ୫୦ଟି ପଞ୍ଚାୟତର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କରୋନା ପୂର୍ବରୁ ଏହି ଷ୍ଟେଶନରୁ ପ୍ରତ୍ୟେକ ମାସରେ ୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିବାବେଳେ ବର୍ତ୍ତମାନ ୪ ଲକ୍ଷ ଟଙ୍କା ଆଦାୟ ହେଉଛି। କିନ୍ତୁ ଷ୍ଟେଶନର ବିକାଶ କି ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଥିବା ବହୁ ଶ୍ରମିକ ଟ୍ରେନ୍ ଧରିବାକୁ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବାବେଳେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ ୫୫ କିଲୋମିଟର ଦୂର ରେଢାଖୋଲ ତ ଆଉ କିଏ ୪୫ କିଲୋମିଟର ଦୂର ଅନୁଗୋଳ ଷ୍ଟେଶନ ଯାଇ ଟ୍ରେନ୍ ଧରୁଛନ୍ତି। ଫଳରେ ଅଯଥାରେ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବଇଣ୍ଡାଠାରେ ସମସ୍ତ ଏକ୍ସପ୍ରେସ୍ ଟ୍ରେନ ରହଣି ପାଇଁ ବଇଣ୍ଡା ଗ୍ରାମବାସୀ ୧୨ ମେ ୨୦୨୧ ଓ ୫ ଜୁନ ୨୦୨୨ରେ ଆଠମଲ୍ଲିକ ବିଧାୟକଙ୍କ ଠାରୁ ଆରମ୍ଭ କରି ସମ୍ବଲପୁର ଏମ୍‌ପି, ପୂର୍ବତଟ ରେଳୱେ ଜେନେରାଲ ମ୍ୟାନେଜର, ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

**ବଇଣ୍ଡା ଷ୍ଟେଶନ ପ୍ରତି ଅବହେଳା**



ଆଠମଲ୍ଲିକ ଉପଖଣ୍ଡରୁ ରାଜ୍ୟ ବାହାରକୁ ଯାଉଥିବା ଯାତ୍ରୀମାନେ ବଇଣ୍ଡା ରେଳ ଷ୍ଟେଶନ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୀର୍ଘଦିନ ହେଲା ୧୪ଟି ଏକ୍ସପ୍ରେସ୍ ଟ୍ରେନ୍ ଏଠାରେ ରହଣି ପାଇଁ ପଦକ୍ଷେପ ନିଆ ନ ଯିବା ବଇଣ୍ଡା ଷ୍ଟେଶନ ପ୍ରତି ଅବହେଳାକୁ ଦର୍ଶାଉଛି।

-ଭରତ ଚନ୍ଦ୍ର ସାହୁ, ସରପଞ୍ଚ, ପେଡିପଥର

**ଯାତ୍ରୀଙ୍କ ସମସ୍ୟାର କାରଣ ହୋଇଛି**



ଅନୁଗୋଳ ଜିଲାର ୩ଟି ବ୍ଲକ ଅଞ୍ଚଳର ଯାତ୍ରୀ ବଇଣ୍ଡା ରେଳ ଷ୍ଟେଶନରୁ ଟ୍ରେନ୍ ଧରିଥାନ୍ତି। କିନ୍ତୁ ଏହି ଷ୍ଟେଶନ ଦେଇ ଚଳାଚଳ କରୁଥିବା ୧୮ଟି ଏକ୍ସପ୍ରେସ୍ ଟ୍ରେନ ମଧ୍ୟରୁ ୧୪ଟି ନ ରହିବା ସମସ୍ୟାର କାରଣ ହୋଇଛି।

-ବିନୀତ ସାହା, ବଇଣ୍ଡା

**ରାଜସ୍ୱ ତୁଳନାରେ ବିକାଶ ନାହିଁ**



କେନ୍ଦ୍ର ସରକାର ଏଠାରୁ ଯେତିକି ରାଜସ୍ୱ ପାଉଛନ୍ତି, ସେହି ଅନୁଯାୟୀ ବିକାଶ କାର୍ଯ୍ୟ କରୁନାହାନ୍ତି। ଅନୁଗୋଳ ଜିଲାର ଏହା ଏକ ପ୍ରମୁଖ ଷ୍ଟେଶନ ହୋଇଥିଲେ ମଧ୍ୟ ସବୁ କ୍ଷେତ୍ରରେ ଅବହେଳିତ ହୋଇରହିଛି।

-ସୁନୀଲ କୁମାର ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ, କିଶୋରନଗର ବ୍ଲକ

**କେନ୍ଦ୍ର ସରକାର ଧ୍ୟାନ ଦେଉନାହାନ୍ତି**



ବଇଣ୍ଡା ଷ୍ଟେଶନ ଉପରେ ଦୈନିକ ଶତାଧିକ ଯାତ୍ରୀ ନିର୍ଭର କରନ୍ତି। କିନ୍ତୁ ଏହି ଷ୍ଟେଶନର ବିକାଶ କରାଯାଉ ନାହିଁ। ସମସ୍ତ ଏକ୍ସପ୍ରେସ୍ ଟ୍ରେନ ରହଣିର ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

-ଅଞ୍ଜନ କୁମାର ପ୍ରଧାନ, ଆଇନଜୀବୀ, ଆଠମଲ୍ଲିକ

**ରେଳମନ୍ତ୍ରୀଙ୍କୁ ଅବଗତ କରାଯିବ**



ବଇଣ୍ଡା ରେଳ ଷ୍ଟେଶନରେ କିଭଳି ସମସ୍ତ ଏକ୍ସପ୍ରେସ୍ ଟ୍ରେନ ରହଣି କରିବ, ସେ ନେଇ ରେଳମନ୍ତ୍ରୀଙ୍କୁ ଅବଗତ କରାଯିବ। ଏଥିସହ ଏହି ଷ୍ଟେଶନକୁ କିପରି ଉନ୍ନତମାନର କରାଯାଇପାରିବ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ତାଳଚେର, ୨୭।୧୦ (ଡି.ଏନ.ଏ.)**

ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ତାଳଚେର ଦେଉଳବେଡ଼ା ଡିସ୍‌ପେନସାରିରେ କାର୍ଯ୍ୟରତ ମହିଳା କର୍ମଚାରୀ ଧରିତ୍ରୀ ମିଶ୍ରଙ୍କୁ ଗୁରୁବାର ୪ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କୋଲିୟାରୀ ଥାନାରେ ଡାକ୍ତରଖାନା ପକ୍ଷରୁ ଏତଲା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଏତଲାରେ ଦର୍ଶାଯାଇଛି, ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ପ୍ରଥମେ ଏମ୍‌ସିଏଲ୍ କର୍ମଚାରୀଙ୍କ ନାମ ପଞ୍ଜୀକୃତ କରାଯିବ ବୋଲି ଜଣେ ଡାକ୍ତର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନ ୮ଟା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ଡାକ୍ତରଖାନାରେ ଥିବାବେଳେ ୪ ଜଣ ଯୁବକ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ। ଡାକ୍ତର ଅନୁପସ୍ଥିତ ରହିବାକୁ ଥିବାରୁ ଶୁକ୍ରବାର ଆସିବାକୁ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ଶୁଣି ସମ୍ପୃକ୍ତ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପଛପଟୁ ଶାଢ଼ି ଟାଣି ତଳେ ପକାଇ ଡାକ୍ତରଙ୍କ ସହ ଶତ୍ରୁତା କରୁଛୁ କହି ବେକ, ଛାତିରେ ଗୋଇଠା ଓ ଗାଲରେ ଚାପୁଡ଼ା ମାରିଥିଲେ। ସେ ଚିତ୍କାର କରିବାରୁ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଖବରପାଇ ତାଙ୍କୁ ଉଦ୍ଧାର କରି କେନ୍ଦ୍ରୀୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସରେ ପଠାଇଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଭିନ୍ନ ଶ୍ରମିକ ସଙ୍ଗଠନ, ବୁଦ୍ଧିଜୀବୀ, ସତ୍ୟ ସନାତନୀ ସଙ୍ଗଠନ ସମେତ ସାଧାରଣରେ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି।

## ୧୦ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**କଣିହାଁ,୨୭।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷା ଅଧିକାରୀ ମଙ୍ଗଳୁ ଚରଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ଦାଶରଥୀ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା ଯୋଗ ଦେଇଥିଲେ। ୧୭ କ୍ଲଷ୍ଟରର ୪୦୮ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଚାରକମଣ୍ଡଳୀଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ୧୦ ପ୍ରତିଯୋଗୀଙ୍କୁ ଜିଲାସ୍ତରରେ ଭାଗନେବା ପାଇଁ ଚୟନ କରାଯାଇଥିଲା। ଶିକ୍ଷୟିତ୍ରୀ ନିରୁପମା ଷଡ଼ଙ୍ଗୀ, ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମୁକେଶ ବସୁନ୍ତରା, ସଞ୍ଜୀବ ପ୍ରଧାନ, ଜ୍ଞାନରଞ୍ଜନ ସ୍ୱାଇଁ, ଅଶ୍ୱିନୀ ପାଣି ପ୍ରମୁଖ ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## କଣିହାଁରେ ଗିରି ଗୋବର୍ଦ୍ଧନ ପୂଜା

**କଣିହାଁ,୨୭।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରନଗର ଗହମସ୍ଥିତ ନିତାଇଗୌର ଆଶ୍ରମରେ ବୁଧବାର ଗିରିଗୋବର୍ଦ୍ଧନ ପୂଜା ଓ ଛପନ ଭୋଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗିରି ଗୋବର୍ଦ୍ଧନ ବେଶ ଦର୍ଶନ ଓ ପ୍ରସାଦ ସେବନ କରିବା ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ଲାଗିଥିଲା। ଆଶ୍ରମ ପରିଚାଳକ ସାଧୁ ପ୍ରଭୁପାଦ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ଗହମ ତଥା ଆଖପାଖ ଗ୍ରାମର ଆଗ୍ରହୀ ଯୁବକମାନେ ସହଯୋଗ କରିଥିଲେ। ସେହିପରି ଟାକୁଆ ଗ୍ରାମ ନାଳିତୈଳା ସାହି ଟିକିରା ନଦୀକୂଳ ପାହାଡସ୍ଥିତ କୃଷ୍ଣ ମନ୍ଦିରରେ ଥିବା ଆଶ୍ରମରେ ଗିରିଗୋବର୍ଦ୍ଧନ ପୂଜା ଉତ୍ସବ ପାଳିତ ହୋଇଯାଇଛି। ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଦୀର୍ଘବର୍ଷରୁ ଏହି କାର୍ଯ୍ୟକ୍ରମ ଗ୍ରାମବାସୀ ପାଳନ କରୁଥିବାବେଳେ ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ଦାବି କରିଛନ୍ତି। ଏ ନେଇ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ କହିଛନ୍ତି, ଏହା ପାହାଡ଼ ପାଦଦେଶଠାରୁ ଶିଖର ପର୍ଯ୍ୟନ୍ତ ସୁନ୍ଦର ପରିବେଶ ସୃଷ୍ଟି କରିଛି। ବହୁ ସାଧୁ ସନ୍ନ୍ୟାସୀ ରହି ଏହାର ଶୋଭାବର୍ଦ୍ଧନ କରୁଛନ୍ତି। ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯିବ।

## ସୁରଭିରେ ଭାଗନେଲେ ୩୪୮ ଛାତ୍ରୀଛାତ୍ର




ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଗଡନାୟକଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା, ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ, ଏବିଇଓ ଶିବ ମାଝି, ପବିତ୍ର ମୋହନ ଦେହୁରୀ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଅତିଥି ମାନଙ୍କ ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୧୦ଟି ପ୍ରତିଯୋଗିତାରେ ବ୍ଲକର ୮୮ ବିଦ୍ୟାଳୟର ୩୪୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅନୁଗୋଳଠାରେ ଆସନ୍ତା ନଭେମ୍ବର ୪ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମହୋତ୍ସବରେ ସମସ୍ତ କ୍ଲଷ୍ଟରର ସିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସକ୍ରିୟ ସହଯୋଗ କରିଥିଲେ।

## ୭ ଦିନ ମଧ୍ୟରେ ସମାଧାନ ନିର୍ଦ୍ଦେଶ

### ଟ୍ରକ୍ ମାଲିକ ସଂଘ ବିବାଦ ନେଇ ତ୍ରିପାକ୍ଷିକ ବୈଠକ

**ଅନୁଗୋଳ ଅଫିସ, ୨୭।୧୦**

ଅନୁଗୋଳ ଜିଲା ଟ୍ରକ୍ ଓନର୍ସ ଆସୋସିଏଶନରେ ଥିବା ବିବାଦ ଓ ଅବ୍ୟବସ୍ଥା ୭ ଦିନ ମଧ୍ୟରେ ଦୂର କରିବାକୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ, ପରିବହନ ଅଧିକାରୀ ଓ ଟ୍ରକ୍ ଓନର୍ସ ଆସୋସିଏଶନ୍‌ର କର୍ମକର୍ତ୍ତାଙ୍କୁ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପ୍ରଶାସନ ପକ୍ଷରୁ ଏହା କୁହାଯାଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଟ୍ରକ୍ ଓନର୍ସ ଆସୋସିଏଶନରେ ୬୪୪ ସଦସ୍ୟ ଅଛନ୍ତି। ତେବେ ଆସୋସିଏଶନର ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ଗତ ଡିସେମ୍ବରରେ କେତେଜଣ ସଦସ୍ୟଙ୍କୁ ଏଥିରୁ ବାଦ୍ ଦିଆଯାଇଥିଲା। ଫଳରେ ବାଦ୍ ପଡ଼ିଥିବା ଟ୍ରକ୍ ମାଲିକମାନେ ୧୦ ମାସ ପରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ବେଆଇନ ଭାବେ ସଦସ୍ୟ ପଦ ରଦ୍ଦ କରାଯାଇଥିବା ଅଭିଯୋଗ କରିଥିଲେ। ଏ ନେଇ ପ୍ରଶାସନ ପକ୍ଷରୁ ଗୁରୁବାର ବୈଠକ ଡକାଯାଇ ଆଲୋଚନା କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ପ୍ରଶାସନ ପକ୍ଷରୁ ୭ ଦିନ ମଧ୍ୟରେ ସାଧାରଣ ପରିଷଦ ବୈଠକ ଡକାଇ ଘଟଣାର ସମାଧାନ କରିବା ସହ ପ୍ରଶାସନକୁ ଅବଗତ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ ପ୍ରଧାନ କହିଛନ୍ତି, ପ୍ରଶାସନ ନିକଟକୁ ଅଭିଯୋଗ ଆସିଥିଲା। ଯେହେତୁ ଏହା ଆସୋସିଏଶନ୍‌ର ସମସ୍ୟା, ତେଣୁ ୭ ଦିନ ମଧ୍ୟରେ ସାଧାରଣ ପରିଷଦ ବୈଠକ କରି ସମାଧାନ କରିବାକୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱଙ୍କ ସହ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଭାରପ୍ରାପ୍ତ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ, ଟ୍ରକ୍ ଓନର୍ସ ଆସୋସିଏଶନ ସଭାପତି ଅମ୍ବିକା ଭଞ୍ଜ, ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, କୋଷାଧ୍ୟକ୍ଷ ରଜତ ମହାପାତ୍ର, ଉପସଭାପତି ଅମରେଶ ସ୍ୱାଇଁ, ଅଶୋକ ଦଳବେହେରା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## କଲରାପତରିଆ ବାଘ, ଶାବକର ମୃତଦେହ ଜବତ




■ସାତକୋଶିଆରେ ପାଟ୍ରୋଲିଂ ବେଳେ ହେଲା ଠାବ
■୧୦ ଦିନ ତଳୁ ମୃତ୍ୟୁ ହୋଇଥିବା ବନ ବିଭାଗର ସୂଚନା
■ଶିକାର କରାଯାଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ

**ଅନୁଗୋଳ ଅଫିସ, ୨୭।୧୦**

ଅନୁଗୋଳ ଜିଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ପମ୍ପାସର ରେଞ୍ଜରୁ ୨ କଲରାପତରିଆ ବାଘର ମୃତଦେହ ଗୁରୁବାର ଜବତ ହୋଇଛି। ମୃତ ୨ ବାଘ ମଧ୍ୟରେ ଗୋଟିଏ ଶାବକ ଥିବାବେଳେ ୧୦ ଦିନ ତଳୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ଦୁଇ ବାଘଙ୍କ ଜୀବନ ଯାଇଛି ତାହା ଜାଣିବାକୁ ହାଡ଼ ଓ ଟିସୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଥିବା ଆଞ୍ଚଳିକ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଏମ୍. ଯୋଗଜୟାନନ୍ଦ ସୂଚନା ଦେଇଛନ୍ତି। ମୃତଦେହରେ ଚମଡ଼ା, ନଖ ଓ ଦାନ୍ତ ଥିବାରୁ ଶିକାର କରାଯାଇ ନ ଥିବା ଆଞ୍ଚଳିକ ବନ ସଂରକ୍ଷକ ପ୍ରକାଶ କରିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳବାସୀ ଶିକାରୀଙ୍କ ଫାଶରେ ପଡ଼ି ବାଘ ୨ଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ପମ୍ପାସର ରେଞ୍ଜ ଜଗନ୍ନାଥପୁର ବିଟ୍ କୁଲାଙ୍ଗୀ ଅଞ୍ଚଳରେ ୧୦ରୁ ୧୨ ଜଣ ବନ କର୍ମଚାରୀ ପଇଁତରା ମାରୁଥିବା ସମୟରେ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇଥିଲେ। ଖୋଜାଖୋଜି ସମୟରେ ଏକ ନାଳ ନିକଟରେ ଗୋଟିଏ ୪ ବର୍ଷର ଓ ଆଉ ଗୋଟିଏ ବର୍ଷକର କଲରାପତରିଆ ବାଘର ମୃତଦେହ ଗଳିତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହି ସୂଚନା ମିଳିବା ମାତ୍ରେ ଆର୍‌ସିସିଏଫ୍, ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା, ଏସିଏଫ୍ ଶୁଭେନ୍ଦୁ ବେହେରା, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ଡିଏଫ୍‌ଓ ପଣ୍ଡା କହିଛନ୍ତି, ୧୦ରୁ ୧୨ ଦିନ ତଳୁ ବାଘଙ୍କ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ୧୦ ଦିନ ତଳୁ ବାଘ ୨ଟି ପ୍ରାଣ ହରାଇଥିଲେ ବି ପାଟ୍ରୋଲିଂ ଟିମ୍ କେମିତି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

